# ‘ଅନୁଗୋଳ ପୁଲିସ ଧୈର୍ଯ୍ୟର ସହ କାର୍ଯ୍ୟ କରୁଛି’





ଅନୁଗୋଳ,୨୫ ।୪(ସମିସ):

ଚତୁର୍ଥ ଥର ପାଇଁ ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ନିଖୋଜ/ ହଜିଯାଇଥିବା ମୋବାଇଲ୍ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଛି। ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଉଦ୍ଧାର ହୋଇଥିବା ୧୮ଟି ଚୋରି ବାଇକ ଓ ୧୨୦ ମୋବାଇଲ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ୧୯୨ ବରିଷ୍ଠ ନଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ମେଳାରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଅନୁଗୋଳ ଜିଲ୍ଲା ପୁଲିସର ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଚୋରି ସାମଗ୍ରୀକୁ ପୁଲିସ ଉଦ୍ଧାର କରି ଲୋକଙ୍କୁ ହସ୍ତାନ୍ତର କରିଛି, ଯାହା ସମାଜ ସଂସ୍କାର ଏବଂ ପୁଲିସର ପୁଣ୍ୟ କାମ। ଅତୀତରେ ହରେଇଥିବା ନିଜ ମୂଲ୍ୟବାନ ସାମଗ୍ରୀ ପୁଲିସଠାରୁ ପାଇ ଜନସାଧାରଣ-ପୁଲିସ ସମ୍ପର୍କ ନିକଟତର ହୋଇଛି। ଜିଲ୍ଲାରେ ଉଦ୍ୟୋଗୀକରଣ ବଢ଼ିଛି। ସମସ୍ୟା ଆସିବ, ସମାଧାନ ବି ହେବ। ସେ ସବୁକୁ ମାନବୀୟ ସମ୍ବେଦନଶୀଳ ଅନୁଗୋଳ ପୁଲିସ ଧୈର୍ଯ୍ୟର ସହ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଜିଲ୍ଲାପାଳ ମହମ୍ମଦ ଅବଦାଲ ଅଖତର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଡିଜିଟାଲ ଯୁଗରେ ଦୈନନ୍ଦିନ ଚଳଣିଠାରୁ ଆରମ୍ଭ କରି ଚାକିରି, ବ୍ୟବସାୟ, ବ୍ୟାଙ୍କ, ଶିକ୍ଷା, ମେଡିକାଲ ଆଦି ସବୁ କ୍ଷେତ୍ରରେ ସେବା ସୁବିଧା ପାଇବା ପାଇଁ ମୋବାଇଲ ଗୁରୁତ୍ୱ ବହନ କରୁଛି। ତେଣୁ ମୋବାଇଲ ଜୀବନର ଏକ ଅଂଶ ପାଲଟିଛି ଏବଂ ଏହାକୁ ସତର୍କତାର ସହ ଉପଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୨୪ ଲକ୍ଷ ଟଙ୍କା ହେବ। ସୂଚନାଯୋଗ୍ୟ, ଗତ ବର୍ଷ ଜୁନ ୧୭, ଅକ୍ଟୋବର ୨୦ ଏବଂ ଚଳିତ ବର୍ଷ ଜାନୁଆରୀ ୧୭ରେ ଏଭଳି ନିଖୋଜ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଥିଲା। ଯଥାକ୍ରମେ ୧୨୫, ୧୦୧

**● ଉଦ୍ଧାର ୧୨୦ ମୋବାଇଲ, ୧୮ ବାଇକ ମାଲିକଙ୍କୁ ହସ୍ତାନ୍ତର**
**● ୧୯୨ଜଣ ବରିଷ୍ଠ ନଗରିକଙ୍କୁ ପାରିଚୟପତ୍ର ବଣ୍ଟନ**

ଏବଂ ୨୩୦ଟି ମୋବାଇଲ ସେମାନଙ୍କ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଚତୁର୍ଥ ଥରକୁ ମିଶାଇ ମୋଟ ୫୭୬ଟି ମୋବାଇଲ ଫୋନ୍ ହସ୍ତାନ୍ତର କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧କୋଟି ୯ ଲକ୍ଷ ଟଙ୍କା ହେବ।

ଅନୁଗୋଳ ଜିଲ୍ଲା ପୁଲିସର ଅଭିନବ ପ୍ରୟାସର ପ୍ରତିଫଳନ ସ୍ୱରୂପ, ଅଭିଯୋଗକାରୀମାନେ ବଜାର, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ୍, ଅଟୋ ଏବଂ ବସରୁ ତାଙ୍କର ହଜିଯାଇଥିବା ମୋବାଇଲ ଫୋନଗୁଡ଼ିକ ବିଷୟରେ ଜିଲ୍ଲା ପୁଲିସ ଦ୍ୱାରା ପ୍ରଦାନ କରାଯାଇଥିବା ହ୍ୱାଟ୍ସଆପ୍ ନମ୍ବର ଏବଂ ସିଇଆଇଆର୍-ସଞ୍ଚାରସାଥୀ ପୋର୍ଟାଲ୍ ମାଧ୍ୟମରେ ରିପୋର୍ଟ କରିଥିଲେ। ଏହି ମୋବାଇଲ୍ ଫୋନ୍‌ଗୁଡ଼ିକର ସଫଳ ଉଦ୍ଧାର ପାଇଁ ପ୍ରାଥମିକ ସ୍ତରୀୟ ପୁଲିସ ଷ୍ଟେସନ୍‌ର ଅଧିକାରୀ/କର୍ମଚାରୀ ଏବଂ ଅନୁଗୋଳ ଜିଲ୍ଲା ପୁଲିସର ସାଇବର ସେଲର ଉତ୍ସର୍ଗୀକୃତ କର୍ମଚାରୀଙ୍କ ନିରନ୍ତର ପ୍ରୟାସକୁ ଶ୍ରେୟ ଦିଆଯାଇଛି, ଯାହାଙ୍କ ବୈଷୟିକ ସମନ୍ୱୟ ଏହି ମୋବାଇଲଗୁଡ଼ିକୁ ଉଦ୍ଧାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଏସପି ଉପାସନା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଖମାରରେ ଚନ୍ଦନ ଯାତ୍ରା ଆରମ୍ଭ



**ଖମାର,୨୫ ।୪(ସମିସ):** ପାଲଲହଡ଼ା ଖମାର ଆଞ୍ଚଳିକ ଜଗନ୍ନାଥ ମନ୍ଦିରରେ ପବିତ୍ର ଅକ୍ଷୟ ତୃତୀୟାରେ ଚଳିତ ବର୍ଷ ଘୋଷଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ୧୪ତମ ଚନ୍ଦନ ଯାତ୍ରା ମହୋତ୍ସବ ଓ ଯୁବକ ସଙ୍ଘର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନ ମୋହନ, ମା' ଶ୍ରୀଦେବୀ ଓ ଭୂଦେବୀଙ୍କୁ ବିମାନରେ ନଗରପରିକ୍ରମା କରି ଚନ୍ଦନ ପୋଖରୀକୁ ନିଆଯାଇ ଚାପ ଖେଳାଯାଇଥିଲା। ଭଉଁରି ଯାତ୍ରା ପର୍ଯ୍ୟନ୍ତ ଏହା ଜାରି ରହିବ। ୨୪ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ପଡ଼ିଆରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ବହୁ ରାଜନେତା, ମନ୍ତ୍ରୀ, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି। ଚନ୍ଦନ ଯାତ୍ରା ଖମାର ଅଞ୍ଚଳର ପ୍ରସିଦ୍ଧ ଯାତ୍ରାଭାବେ ସୁନାମ ଅର୍ଜନ କରିଛି। ଏହି ଯାତ୍ରା ଆଞ୍ଚଳିକ ଜଗନ୍ନାଥ ପରିଷଦ କମିଟି, ଗ୍ରାମ କମିଟି, ଯୁବକ ସଙ୍ଘର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଖମାର ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ତରଫରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା।

## ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନତୀକରଣ ନିମନ୍ତେ ଆଲୋଚନା



**ଅନୁଗୋଳ,୨୫ ।୪(ସମିସ):** ଅନୁଗୋଳ ସହରସ୍ଥିତ ପ୍ରାଚୀନ ବୁଢ଼ୀ ଠାକୁରାଣୀ ମନ୍ଦିରର ଉନ୍ନତୀକରଣ ନିମନ୍ତେ ସହରର ବୁଦ୍ଧିଜୀବୀମାନେ ଅନୁଗୋଳ ବିଧାୟକଙ୍କ ସହ ଆଲୋଚନା କରିଛନ୍ତି। ଶନିବାର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ପୀଠ ପରିଦର୍ଶନ କରିଛନ୍ତି। ଏଠାରେ ଥିବା ମଦନମୋହନ, ମହାଦେବ ଓ ବୁଢ଼ୀ ଠାକୁରାଣୀ ମନ୍ଦିରର ନୂତନ ରୂପରେଖ ପାଇଁ ରାଜ୍ୟ ସରକାର ୨୨କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ କିପରି ମା'ଙ୍କ ମନ୍ଦିର ସୁନ୍ଦର ହେବ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଅନୁଗୋଳ ପର୍ଯ୍ୟଟନ ମାନଚିତ୍ରରେ ବୁଢ଼ୀ ଠାକୁରାଣୀ ପୀଠ ସ୍ୱତନ୍ତ୍ର ମାନ୍ୟତା ପାଇବ ବୋଲି ବିଧାୟକ ପ୍ରଧାନ କହିଛନ୍ତି।

## ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ମାମଲା; ୨ ଗିରଫ

**କଣିହାଁ,୨୫ ।୪(ସମିସ):** କଣିହାଁ ଥାନା ପେଟ୍ରୋଲ ପମ୍ପ କଡ଼ରେ ଥିବା ଏନଟିପିସି ପାଇପ ଲାଇନ ନିକଟରୁ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ବଇଣ୍ଡା ଗ୍ରାମର ପଥରୁ ଦେହୁରୀଙ୍କ ପୁଅ ରୁଦ୍ର ଦେହୁରୀ (୨୭) ଓ ପରଜଙ୍ଗ ଥାନା ସରକିଶୋରପାଳ ଗ୍ରାମର ହୃଦାନନ୍ଦ ନାୟକଙ୍କ ପୁଅ ସନତ କୁମାର ନାୟକ (୨୬)। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।




ଗତ ୧୭ ତାରିଖ ପେଟ୍ରୋଲ ପମ୍ପ ନିକଟ ପାଇପ ଲାଇନ କଡ଼ରୁ ଗୁରୁତର ଭାବେ ପୋଡ଼ିଯାଇଥିବା ଏକ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମୃତଦେହ କଣିହାଁ ପଞ୍ଚାୟତ ମଶୁଣିହତା ଗ୍ରାମର ବାରୁ ବେହେରା (୩୨)ଙ୍କର ବୋଲି ପରିଚୟ ମିଳିଥିଲା। ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଗତ ୯ ତାରିଖ ପଟାଖମନ ବ୍ରିଜ୍ ନିକଟରେ ବାରୁ ବେହେରାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ୫୦୦ ଶହ ଟଙ୍କା ନେଣଦେଣକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟା ପରେ ଅଭିଯୁକ୍ତ ଦ୍ୱୟ ମୃତଦେହକୁ ଆଶ୍ ରୋଡ୍ ପାଇପ ଲାଇନ ନିକଟରେ ଫିଙ୍ଗିଦେଇଥିଲେ। ପ୍ରମାଣ ନଷ୍ଟ କରିବାକୁ ୧୬ ତାରିଖ ମୃତଦେହରେ ନିଆଁ ଲଗାଇ ଦେଇଥିଲେ। ସାଇଣ୍ଟିଫିକ ଟିମ ତଦନ୍ତ କରିଥିବା ବେଳେ ପୁଲିସ ମାମଲା ରୁଜୁ କରି ଛାନଭିନ୍ ଚଳାଇଥିଲା। ଶନିବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

**● ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ**

## ମ୍ୟାଲେରିଆମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ



**ଅନୁଗୋଳ,୨୫ ।୪(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାକୁ ମ୍ୟାଲେରିଆମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଜିଲ୍ଲାରେ ମ୍ୟାଲେରିଆ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ ଗତ ଦଶନ୍ଧିର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। କୀଟନାଶକ ସିଞ୍ଚନ, ମଶାରୀ ବଣ୍ଟନ ତଥା ଦୁର୍ଗମ ଅଞ୍ଚଳରେ ଦମନ କ୍ୟାମ୍ପ ଜରିଆରେ ରକ୍ତ ନମୁନା ପରୀକ୍ଷା ଦ୍ୱାରା ମ୍ୟାଲେରିଆକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରାଯାଇଛି। ନିୟମିତ ବ୍ୟବଧାନରେ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉଛି। ମ୍ୟାଲେରିଆ ପଜିଟିଭ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦଗାତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଲ, କମ୍ୟୁନିଟି ହେଲ୍‌ଥ ଆସିଷ୍ଟାଣ୍ଟ ପ୍ରଫେସର ଡା. ସାର୍ଥକ ଶତପଥୀ, ଜିନ୍ଦଲ ସିଏସ୍‌ଆର୍ ଜିଏମ ଜୟନ୍ତ କୁମାର ମହାନ୍ତି, ଜିଲ୍ଲା ଏଣ୍ଟୋମୋଲୋଜିଷ୍ଟ ପ୍ରେମରଞ୍ଜନ ପଣ୍ଡାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ, ସିଡିପିଓ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ଶିକ୍ଷା ଅନୁଷ୍ଠାନର ବାର୍ଷିକ ଉତ୍ସବ



**କିଶୋରନଗର,୨୫ ।୪(ସମିସ):** ସ୍ଥାନୀୟ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ‘ପ୍ରେରଣା-୨୦୨୬’ ଅନୁଷ୍ଠିତ ହୋଇଛି। କିଶୋରନଗର ବିଇଓ ଅରୁଣ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଜୀବନର ସଫଳତାର ଅନୁଭୂତିକ ବର୍ଣ୍ଣନା କରିଥିଲେ। କଠିନ ପରିଶ୍ରମ ହିଁ ଏକ ମାତ୍ର ମାର୍ଗ ଯାହା ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ସେ କହିଥିଲେ। ସୁଦୂର ଲଣ୍ଡନରୁ ଆସିଥିବା ସୁଜାନା ଜିଲ୍ଲା ରିଡେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ। ଓଡ଼ିଶାର ଖାଦ୍ୟ, ପରମ୍ପରା ସଂସ୍କୃତି ତାଙ୍କୁ ବିମୋହିତ କରିବା ସହିତ ସେ ଦୀର୍ଘ ୧୧ ବର୍ଷର ନୃତ୍ୟ ସାଧନା ଓ ଅନୁଭୂତି ବର୍ଣ୍ଣନା କରି ଗୁରୁଛାତ୍ରଛାତ୍ରୀଙ୍କୁ କଳା ପ୍ରତି ଆଗ୍ରହୀ ହେବାକୁ ପ୍ରେରଣା ଦେଇଥିଲେ। କଳା ପ୍ରଶିକ୍ଷକ କମଳ ଲୋଚନ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଛାତ୍ର ସଂସଦ ସଭାପତି ଅସିତ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥଲେ। ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷିକା ଶିବାନୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଗ୍ରନ୍ଥାଗାରିକ ବିଭୂତି ଭୂଷଣ ମହାରଣା, କମ୍ପ୍ୟୁଟର ପ୍ରଶିକ୍ଷକ ସୂରଜ କୁମାର ନାୟକ ଓ ଶିକ୍ଷକ ପ୍ରଶିକ୍ଷିକା ଶିବାନୀ ବେହେରା ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଗୁରୁଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପ୍ରତି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୁରୁଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି।

ଦ୍ୱିତୀୟ ଅଧିବେଶନରେ କ୍ରୀଡ଼ା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଗୁରୁଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତୃତୀୟ ଅଧିବେଶନରେ ଅନୁଷ୍ଠାନର ଗୁରୁଛାତ୍ରୀ ସୁପ୍ରିୟା ସ୍ୱାଇଁ, ସ୍ୱସ୍ତିକା ସାହୁ ଓ ତପସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଶେଷରେ ଅନୁଷ୍ଠାନର ଗୁରୁଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲଣ୍ଡନରୁ ଆସିଥିବା ବିଶିଷ୍ଟ ନୃତ୍ୟାଙ୍ଗନା ସୁଜାନା ଜିଲ୍ଲା ରିଡେଲ ଏକକ ନୃତ୍ୟ ନବଦୁର୍ଗା ପରିବେଷଣ କରିଥିଲେ ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁଛାତ୍ରୀ ତେଜସ୍ୱିନୀ ଦାସ, ସ୍ମୃତିପ୍ରଭା ପତି, ଲିଖିତା ପ୍ରଧାନ, ଶୁଭଦର୍ଶିନୀ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। ଲିପ୍ସା ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**କିଶୋରନଗର,୨୫ ।୪(ସମିସ):** ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା ପଞ୍ଚାୟତ ଅଖରକଟା ଗ୍ରାମର ଲକ୍ଷ୍ମୀଧର ପ୍ରଧାନର ୭୮ ବର୍ଷ ବୟସରେ ବୁଧବାର ତାଙ୍କ ବାସଭବନରେ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ।

## ବହୁମୁଖୀ କଲ୍ୟାଣମଣ୍ଡପ ଉଦଘାଟନ କେବେ?



**ତାଳଚେର,୨୫ ।୪(ସମିସ):** ତାଳଚେର ପୌରପରିଷଦ ମଣ୍ଡାପାଳଠାରେ ୩ଶହ କ୍ଷମତା ବିଶିଷ୍ଟ ବହୁମୁଖୀ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ୨୦୨୩ ନଭେମ୍ବର ୨୬ ତାରିଖ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ସାଂସଦ ମହେଶ ସାହୁ ମୁଖ୍ୟଅତିଥି, ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ, ଉପନଗରପାଳ ଶୁଭସ୍ମିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ଇତିମଧ୍ୟରେ ଗୃହକାର୍ଯ୍ୟ ନିର୍ମାଣ ସରିଥିଲେ ମଧ୍ୟ ଅଦ୍ୟାବଧି ଉଦଘାଟନ କରାଯାଉନାହିଁ। ଏ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜକୁ ୬ମାସ ପୂର୍ବରୁ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ଓ ରଙ୍ଗବୋଳା ଏବଂ ସମସ୍ତ କାର୍ଯ୍ୟ ସରିଯାଇଛି। ଲୋକଙ୍କ ସୁବିଧା ପାଇଁ ବହୁ ବର୍ଷ ପୂର୍ବରୁ ଗୋପବନ୍ଧୁ ଟାଉନହଲ ନିର୍ମାଣ କରାଯାଇଥିଲା। ସେଥିରେ ଜନସାଧାରଣ ନିଜ ମାଙ୍ଗଳିକ କାର୍ଯ୍ୟକ୍ରମ କରି ଆସୁଥିଲେ। ମାତ୍ର ଏହା ଜରାଜୀର୍ଣ୍ଣ ଅବସ୍ଥା ପଡ଼ି ରହିଥିବାରୁ ଏହାକୁ ଭାଙ୍ଗି ନୂତନ ଟାଉନହଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ପୌରପରିଷଦ ପକ୍ଷରୁ ଲୋକମାନେ ସେମାନଙ୍କ ମାଙ୍ଗଳିକ କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ କରିପାରିବେ ତଦନୁଯାୟୀ ମଣ୍ଡାପାଳଠାରେ କଲ୍ୟାଣୀ ମଣ୍ଡପ କରାଗଲା। ସହର ମଧ୍ୟରେ ୱାର୍ଡଗୁଡ଼ିକ ସଂକୀର୍ଣ୍ଣ ହେବାରୁ ଲୋକମାନେ ମାଙ୍ଗଳିକ କାର୍ଯ୍ୟକ୍ରମ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଅଞ୍ଚଳବାସୀ ନିଜ ମାଙ୍ଗିଳିକ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଘରୋଇ ମଣ୍ଡପକୁ ଯାଇ ବହୁ ଖର୍ଚ୍ଚାନ୍ତ ହେଉଥିବା ବେଳେ ଯଦି ଏହି ୩ଶହ କ୍ଷମତା ବିଶିଷ୍ଟ କଲ୍ୟାଣମଣ୍ଡପ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ହୁଅନ୍ତା ତେବେ ଏହାର ଉଦ୍ଦେଶ୍ୟ ସାଧନ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ତୁରନ୍ତ ଏହାକୁ ଉଦଘାଟନ କରି ଲୋକଙ୍କ ପାଇଁ ଉତ୍ସର୍ଗ କରିବାକୁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଅନୁଗୋଳ,୨୫ ।୪(ସମିସ):

ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ-୨୦୨୬ ପାଳିତ ହୋଇଛି। ମୁଖ୍ୟଅତିଥି



ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ପ୍ରତିନିଧିମାନେ ନିଃସ୍ୱାର୍ଥପର ଭାବେ କାମ କଲେ ଦ୍ରୁତ ବିକାଶ ସମ୍ଭବ ବୋଲି ସେ କହିଥିଲେ। ଏହି ଅବସରରେ ଜନହିତକର ଯୋଜନାଗୁଡ଼ିକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ଲକ ଓ ପଞ୍ଚାୟତଗୁଡ଼ିକୁ ଅତିଥି ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ସମିତି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା।

**ପାଲଲହଡ଼ା:** ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଦର୍ଶନ ଉପରେ ଗୁରୁତ୍ୱାରୋପ କରି ପଞ୍ଚାୟତ ସ୍ତରରେ ବିକାଶ ହେଲେ ହିଁ ପ୍ରକୃତ ଗଣତାନ୍ତ୍ରିକ ଶାସନ ସ୍ଥାପିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ସାଂସଦ ପ୍ରତିନିଧି ଲିଙ୍ଗରାଜ ଦାସ, ବିଧାୟକ ପ୍ରତିନିଧି ତନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ନିଶାନ୍ ମିଶ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ୧୬ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ, ବଡିସୁଆଁ ପଞ୍ଚାୟତର ପାରା ବେହେରା ଓ ବାଲିପଶିର ଭିକାରୀ ମୁଣ୍ଡାଙ୍କ ୬ ମାସ ମଧ୍ୟରେ ଗୃହ ଶେଷ କରିଥିବାରୁ ୧୦,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଆଲୋରୀ ସରପଞ୍ଚ ମୀନା ସାହୁ, ବାଲିପଶି



ସରପଞ୍ଚ ଧୀରେଶ୍ୱରୀ ଗଡ଼ନାୟକ, କର୍ଡ଼ାପାଳ ପଞ୍ଚାୟତର ପିଅନ ଦୁଷ୍ମନ୍ତ ପ୍ରଧାନ ଏବଂ ମୀନକେତନ ସାହୁ, ଜଗନ୍ନାଥ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିକଶିତ ଗାଁ ବିକଶିତ ଓଡ଼ିଶା ୨୦୨୪-୨୫ ଅଧୀନରେ ପାଲଲହଡ଼ା ପ୍ରଥମ ସ୍ଥାନ ଅଧିକାର କରିବା ସହ ୩.୧ କୋଟି ବ୍ୟୟରେ ସମସ୍ତ ୭୫ ପ୍ରକଳ୍ପ ସଫଳତାର ସହ ସମାପ୍ତ କରି ଜିଲ୍ଲାର ପ୍ରଥମ ବ୍ଲକ ଭାବେ ଏହି ସଫଳତା ହାସଲ କରିଛି। ଏହି ଅବସରରେ ପାଲଲହଡ଼ା ବ୍ଲକର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ଯୋଗଦେଇଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବିଡିଓ ଶୁଭକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ,



ଅନ୍ୟତମ ଅତିଥି ଭାବେ ଜିଲ୍ଲା ଅନୁସୂଚିତ ଜନଜାତି ଉନ୍ନୟନ ଅଧ୍ୟକ୍ଷ ବଶିଷ୍ଠ ନାୟକ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ସମାଜସେବୀ ଡା. ଅଲେଖ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ୧୨୪ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ସରକାରଙ୍କ ଯୋଜନାର ସଫଳ ରୂପାୟନ କରିଥିବା କଣ୍ଟେଇକୁଳିଆ ପଞ୍ଚାୟତ, ପଞ୍ଚମ ଅର୍ଥ ଆୟୋଗର ସଫଳ କାର୍ଯ୍ୟକାରୀ କରିଥିବା ଅଙ୍ଗପଡ଼ା ପଞ୍ଚାୟତ, ସ୍ୱଚ୍ଛଭାରତ ମିଶନରେ ସଫଳତା ହାସଲ କରିଥିବା ଲୁହାମଣ୍ଡା ପଞ୍ଚାୟତ, ମନରେଗା ଯୋଜନାର ସଫଳ ରୂପାୟନ କରିଥିବା ଠେଲକନାଳୀ ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଡିଓ ଦିଲୀପ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିପିଡିଓ ସୁରେଶ ଚନ୍ଦ୍ର ସାହୁ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ବିଏସଏସଓ ଝସକେତନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ମିତାରାଣୀ ସାହୁ, ସରସ୍ୱତୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ମାତୃ, ଶିଶୁ ସ୍ୱାସ୍ଥ୍ୟର ଯତ୍ନ ଓ ସଚେତନତା ପାଇଁ ପୋଷଣ ପକ୍ଷ

ଢେଙ୍କାନାଳ,୨୫ ।୪(ସମିସ):




ମାତୃ ଏବଂ ଶିଶୁ ପୁଷ୍ଟିହୀନତା ଦୂର କରିବା ଉଦ୍ଦେଶ୍ୟରେ ଜିଲ୍ଲାରେ ଟାଟା ଷ୍ଟିଲ ଫାଉଣ୍ଡେସନ ଏବଂ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ସହଯୋଗରେ ୮ମ ପୋଷଣ ପକ୍ଷ ପାଳିତ ହୋଇଛି । ଏପ୍ରିଲ ୯ରୁ ୨୩ ତାରିଖ ପର୍ଯ୍ୟନ୍ତ ମେରାମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଶିଶୁ ଜନ୍ମର ପ୍ରଥମ ୧,୦୦୦ ଦିନ ଶିଶୁର ଶାରୀରିକ ଏବଂ ମାନସିକ ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ସ୍ୱାସ୍ଥ୍ୟସେବା ଏବଂ ପୁଷ୍ଟିସାର ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସୁଷମ ଖାଦ୍ୟର ଗୁରୁତ୍ୱ, ଗର୍ଭବତୀ ମହିଳାଙ୍କ ପାଇଁ ଆବଶ୍ୟକ ପୋଷଣ, ସ୍ତନ୍ୟପାନ ଏବଂ ଠିକ ସମୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରିବା ଭଳି ଦିଗଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଓଡ଼ାପଡ଼ା ବ୍ଲକର ୨୮ ପଞ୍ଚାୟତରେ ଓଡ଼ାପଡ଼ା ସିଡିପିଓ ନିବେଦିତା ତ୍ରିପାଠୀଙ୍କ ନେତୃତ୍ୱରେ ପୋଷଣ ପକ୍ଷ ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ମାତୃ ଓ ଶିଶୁ ପୋଷଣ, ମସ୍ତିଷ୍କ ବିକାଶ, ଖେଳ ମାଧ୍ୟମରେ ଶିକ୍ଷା, ପିଲାଙ୍କୁ ମୋବାଇଲ ଓ ଟିଭିଠାରୁ ଦୂରେଇ ରଖିବାରେ ଅଭିଭାବକଙ୍କ ଭୂମିକା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବା ଆଦି ପାଞ୍ଚଟି ପ୍ରମୁଖ ବିଷୟ ଉପରେ ଆଲୋକପାତ କରାଯାଇଥିଲା । ଅଭିଯାନକୁ ସଫଳ କରିବାରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କୋଟମ, ଗୁଣଦେଇ, ଓଡ଼ାପଡ଼ା, ନୟାଭାଗୀରଥିପୁର, ସିମିନଇ ଏବଂ ସଦାଶିବପୁରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ




ପରଜଙ୍ଗ,୨୫ ।୪(ସମିସ): ୫୩ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ବାରିହାପୁର ଛକ ନିକଟରୁ ପରଜଙ୍ଗ ଥାନା ପୁଲିସ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ କରିଛି । ଟ୍ରକ ଢେଙ୍କାନାଳ ଅଞ୍ଚଳରୁ ପରଜଙ୍ଗ ଅଭିମୁଖେ ଆସୁଥିଲା । ପୁଲିସ ଟ୍ରକ ଜବତ କରିବା ସହ ଡ୍ରାଇଭର ସଦର ଥାନା ଗୁଣ୍ଡୁରିପଶି ଗ୍ରାମର ସତ୍ୟାନନ୍ଦ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଟ୍ରକରେ ୨୦୦ ମାଙ୍କଡ଼ା ପଥର ଥିବା ଜଣାପଡ଼ିଛି । ଚଢ଼ଉରେ ଥାନା ଏସଆଇ ପ୍ରମୋଦ କୁମାର ସାହୁ, ଏଏସଆଇ ଯୁଗଳ ପ୍ରଧାନ, ଜୀବନାନନ୍ଦ ସିଂହ ସାମିଲ ହୋଇଥିଲେ ।

## ଥଣ୍ଡା ପାନୀୟଜଳ ଫ୍ରିଜରରେ ବିଦ୍ୟୁତ ଆଘାତ ଲାଗି ଶ୍ରମିକ ଗୁରୁତର

ଭୁବନ,୨୫ ।୪(ସମିସ): ଥଣ୍ଡାପାନୀୟଜଳ ଫ୍ରିଜରରେ ବିଦ୍ୟୁତ ଆଘାତ ଲାଗି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି । ସେ ହେଲେ ଭୁବନ ଏନଏସି ୱାର୍ଡ ନଂ ୧୨ର ରବି ମଳିକ । ରବି ଭୁବନ



ଗୋପାଳ ମଣ୍ଡପରେ ଏନଏସି ପକ୍ଷରୁ ଲାଗିଥିବା ଥଣ୍ଡା ପାନୀୟଜଳ ଫ୍ରିଜରରୁ ପାଣି ପିଇପାକୁ ଯାଇଥିବା ବେଳେ ବିଦ୍ୟୁତ ଆଘାତ ଲାଗି ଫ୍ରିଜରରେ ଲାଗି ରହିଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଏନଏସିରେ ଲାଗିଥିବା ପ୍ରତ୍ୟେକ ଥଣ୍ଡା ପାନୀୟଜଳ ମେସିନକୁ ସୁରକ୍ଷିତ ରଖିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ରବିଙ୍କୁ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ ।

## ଗଣିତ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ




ଖଜୁରିଆକଟା,୨୫ ।୪(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ଗଣିତ ବିଭାଗରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ତାରିଖ ହିନ୍ଦୋଳ ମହାବିଦ୍ୟାଳୟ ସ୍ମାର୍ଟ କ୍ଲାସ ରୁମରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ପ୍ରଦିପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଗଣିତର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର, ରସାୟନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ପତି ଓ ରାଜନିତୀ ବିଜ୍ଞାନର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ ପଦାର୍ଥ ବିଜ୍ଞାନର ମୁଖ୍ୟ ଜୟନ୍ତ ନାରାୟଣ ପତି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବହୁ ହିତୋପଦେଶ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପ୍ରତିସା ରାଉଳ, ସତ୍ୟଜିତ ସାହୁ, ଶୁଭକାନ୍ତ ରାଉତ, ସୁଶ୍ରୀ ବେହେରା, ଜୟନ୍ତ ରାଉତ, ରଶ୍ମି ରଞ୍ଜନ ବିଶ୍ୱାଳ ଓ ପ୍ରଜ୍ଞା ପ୍ରଣିନୀ ସାହୁ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବିଭାଗର ଅଧ୍ୟାପିକା ସିମା ଶୁଭଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଣିତ କୁହୁକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦାୟୀ ଛାତ୍ର ଛାତ୍ରୀ ମାନଙ୍କୁ ବିଭାଗୀୟ ତରଫରୁ ଅନେକ ଉପହାର ଦେଇ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## କଦଳୀପାଳ ଗ୍ରାମରେ ୫ ବଖରା ଭସ୍ମୀଭୂତ

ହିନ୍ଦୋଳ/ଖଜୁରିଆକଟା,୨୫ ।୪(ସମିସ): ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ାପଡ଼ା ବ୍ଲକ କୁଓମ ପଞ୍ଚାୟତ କଦଳୀପାଳ ଗ୍ରାମରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଭସ୍ମୀଭୂତ ହୋଇଛି । ଗ୍ରାମର ଗଣେଶ୍ୱର ସାହୁଙ୍କ ଘରେ ଶନିବାର ଦ୍ୱିପ୍ରହରରେ ନିଆଁ ଲାଗିଥିଲା । ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିତିଲେ ମଧ୍ୟ ୫ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଧାନଚାଉଳ ଓ ଲୁଗାପଟା ଆଦି ପୋଡ଼ି ପାଉଁଶ ହୋଇଯାଇଛି । ବିପନ୍ନଙ୍କ ପାଖରେ ଗଣ୍ଡାନାଳୀ ସରପଞ୍ଚ ସୁନୀଲ ସ୍ୱାଇଁ ପହଞ୍ଚି ସମବେଦନା ଜଣାଇଛନ୍ତି । ପୂର୍ବତନ ସାଂସଦ ମହେଶ ସାହୁ ଏହି ଅଘଟଣ ପାଇଁ ଦୁଃଖ ପ୍ରକାଶ କରିବା ସହ ସରକାର ତୁରନ୍ତ ବିପନ୍ନଙ୍କୁ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି ।



## ଅମରେନ୍ଦ୍ରଙ୍କ ବିୟୋଗରେ କଂଗ୍ରେସର ଶୋକ

ଢେଙ୍କାନାଳ,୨୫ ।୪(ସମିସ): ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ଜିଲ୍ଲା ଉପସଭାପତି ବିନୟ କୁମାର ସାହୁଙ୍କ ନେତୃତ୍ୱରେ ଉପସଭାପତି ସରୋଜ କୁମାର ଶତପଥୀ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ରୁଦ୍ରପ୍ରକାଶ ଶରଣ ପ୍ରମୁଖ ଅମରେନ୍ଦ୍ରଙ୍କ ବାସଭବନକୁ ଯାଇ ପରିବାରକୁ ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ । ପ୍ରେସବାର୍ତ୍ତା ମାଧ୍ୟମରେ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ ଶୋକ ପ୍ରକାଶ କରିବା ସହ ପରିବାରକୁ ସମବେଦନା ବାର୍ତ୍ତା ପ୍ରେରଣ କରିଛନ୍ତି ।

## ଡହ ଡହ ଖରାରେ ପ୍ରକଳ୍ପ କାର୍ଯ୍ୟରେ ଶ୍ରମିକ ନିୟୋଜିତ



■ ସରକାରଙ୍କ ନିୟମକୁ ଉଲ୍ଲଘଂନ
■ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ପରଜଙ୍ଗ,୨୫ ।୪(ସମିସ): ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଓ ଘରୋଇ ସଂସ୍ଥାରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବାକୁ ସରକାରୀ ନିର୍ଦ୍ଦେଶ ରହିଛି । ତେବେ ଏହାକୁ ଉଲ୍ଲଘଂନ କରି ମଧ୍ୟାହ୍ନ ସମୟରେ ଡହ ଡହ ଖରାରେ ମେଗା ପ୍ରକଳ୍ପ କାର୍ଯ୍ୟରେ ଶ୍ରମିକ କାମ କରୁଥିବା ଦେଖିବାକୁ ମିଳିଛି । ପରଜଙ୍ଗ ବ୍ଲକ ମାଣକିମରା ପଞ୍ଚାୟତ ଜକା ଗ୍ରାମରେ ଏପରି ଦୃଶ୍ୟ ସାମ୍ନାକୁ ଆସିଛି । ଏହି ଗ୍ରାମରେ ମେଗା ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ବେଳେ ଠିକାସଂସ୍ଥା ପକ୍ଷରୁ ଶନିବାର ଅପରାହ୍ନ ସାଢ଼େ ୧୨ଟାରେ ପ୍ରଚଣ୍ଡ ଖରାରେ ୪ରୁ ୫ ଜଣ ଶ୍ରମିକ ମୁଣ୍ଡରେ କଂକ୍ରିଟ ମିଶ୍ରଣ କଡ଼େଇ ଧରି ବୋହୁଥିବା ଦେଖିବାକୁ ମିଳିଥିଲା । ଶ୍ରମ ବିଭାଗର ତଦାରଖ ଅଭାବରୁ ଠିକାସଂସ୍ଥା ଖୋଲାଖୋଲି ଶ୍ରମିକଙ୍କୁ ଖରାବେଳେ କାମରେ ଲଗାଉଛି । ଏ ସମ୍ପର୍କରେ ଉପ ଠିକାଦାର ଏସଏସ କନଷ୍ଟ୍ରକ୍ସନର ଅଧିକାରୀଙ୍କୁ ଫୋନ୍ ଯୋଗେ ପଚାରିବାରୁ କହିଲେ, ଖରା ସମୟରେ କିଛି ଶ୍ରମିକ ଠିକାରେ କାମ ନେଇ କରୁଥିଲେ । ଏଥିପ୍ରତି ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ଶ୍ରୀ ମଦନମୋହନଜୀଉଙ୍କ ଚାପଖେଳ

ଢେଙ୍କାନାଳ,୨୫ ।୪(ସମିସ): ଢେଙ୍କାନାଳର ଆରାଧ୍ୟ ଶ୍ରୀ ବଳରାମଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନଜୀଉ ଅକ୍ଷୟ



ତୃତୀୟାଠାରୁ ପ୍ରତ୍ୟହ ପାଲିଙ୍କିରେ ଭାଗୀରଥି ସାଗରକୁ ଚାପ ଖେଳିବା ପାଇଁ ଆସୁଛନ୍ତି । ଭାଗୀରଥି ସାଗରରେ ଗତ ଦୁଇବର୍ଷ ଧରି ଖନନ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବା ବେଳେ ସେବକଙ୍କ ସହଯୋଗରେ ଚଳିତ ବର୍ଷ ଉକ୍ତ ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ କିଛିବାଟ ଯାଇ ପୁନଶ୍ଚ ସେଠାରୁ କୂଳକୁ ଫେରୁଆସୁଛନ୍ତି । ଅନ୍ୟପଟେ ଅଦ୍ୟାବଧି ଦେବୋତ୍ତର ବିଭାଗ ପକ୍ଷରୁ ଚାପ ଡଙ୍ଗାରେ ଆଲୋକମାଳା ବ୍ୟବସ୍ଥା କରାଯାଇ ନାହିଁ । ଶୁକ୍ରବାର ମଦନ ମୋହନଜୀଉ ଶ୍ୱେତପଦ୍ମ ସହ ସ୍ୱର୍ଣ୍ଣ ରଙ୍ଗର ସୁଗନ୍ଧିତ ଚମ୍ପା, ଶ୍ୱେତ ଚମ୍ପା ଓ ମଲ୍ଲିମାଳରେ ସୁଶୋଭିତ ହୋଇ ଅତୀବ କମନୀୟ ଦେଖାଯାଉଥିଲେ । ପୂଜକ ମନସୁମନ ମିଶ୍ର ପଞ୍ଚୋପଚାର ପୂଜା ସହ ପ୍ରଭୁଙ୍କ ସ୍ନାନ ମାର୍ଜନା ଓ ନୂତନ ବସ୍ତ୍ରଲାଗି ଆଦି ବିଧି ସମ୍ପନ୍ନ କରିଥିଲେ । ପାଳିଆ ସେବକ କୁଞ୍ଜବିହାରୀ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଚାପ ସେବକ ମହେଶ୍ୱର ସାମଲ ପ୍ରମୁଖ ପ୍ରଭୁଙ୍କ ଏହି ନୀତିରେ ସାମିଲ୍ ହୋଇଛନ୍ତି । ପୁଷ୍କରିଣୀ କୂଳରେ ପ୍ରତ୍ୟହ ଆତସବାଜି ପ୍ରଦର୍ଶନ ସହ ଚାପଡଙ୍ଗାକୁ ରଙ୍ଗୀନ୍ ବିଦ୍ୟୁତ୍ ଆଲୋକରେ ସୁସଜ୍ଜିତ କରିବା ପାଇଁ ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ କର୍ମକର୍ତ୍ତା ଦାବି କରିଛନ୍ତି । ନୂତନ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପଦ୍ମଚରଣ ସାହୁ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ଆଶା କରାଯାଇଛି ।

## ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ଦିବ୍ୟାଙ୍ଗଙ୍କୁ ସହାୟତା

ଭୁବନ,୨୫ ।୪(ସମିସ): ଢେଙ୍କାନାଳ ସଦର ବ୍ଲକ ରେଗଡ଼ା ଗ୍ରାମର ପପୁନି ମହାରଣା ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ସୋନପୁର, ଭୁବନେଶ୍ୱର ଏବଂ ଗଞ୍ଜାମ ଭଳି ବିଭିନ୍ନ ଅଞ୍ଚଳରୁ ୧୨ ଜଣ ଦିବ୍ୟାଙ୍ଗଙ୍କୁ ଏକାଠି କରି ୧୦ ବର୍ଷ ହେବ ମହାଶକ୍ତି ଦୃଷ୍ଟିହୀନ ସେବା ସଂଘ ଗଠନ କରି ବିଭିନ୍ନ ଅଞ୍ଚଳରେ ଭଜନ ପରିବେଷଣ କରିଥାନ୍ତି । ସେଠାରୁ ଯାହା ରୋଜଗାର ହୁଏ ସେଥିରେ ନିଜ ପେଟ ପୋଷନ୍ତି । ଏହି ସଂଘରେ ୧୦ ପୁରୁଷ ଥିବା ବେଳେ ୨ ମହିଳା ଅଛନ୍ତି । ଗତ ଏକବର୍ଷ ହେବ ସେ ଭୁବନ ବ୍ଲକ ମହୁଲପାଳ ଗ୍ରାମର କମଳ ସାହୁଙ୍କ ଘରେ ଭଡ଼ା ସୂତ୍ରରେ ରହିଆସୁଥିଲେ । ତେବେ ଗତ ୧ ତାରିଖ ସନ୍ଧ୍ୟାରେ ଜିଲ୍ଲାର ଏକ ସ୍ଥାନକୁ ଭଜନ ପରିବେଷଣ କରିବାକୁ ଯାଇଥିବା ବେଳେ ଭଡ଼ା ଘରେ କୌଣସିରୁ ନିଆଁ ଲାଗିଯାଇଥିଲା । ଫଳରେ ସଙ୍ଗୀତ ପରିବେଷଣରେ ବ୍ୟବହୃତ ହେଉଥିବା ସାମଗ୍ରୀ ସହ ରାସନ ସାମଗ୍ରୀ, ଫ୍ରିଜ, ଇନଭର୍ଟର,



ବାଇକ, ପାଣି ମଟର, କିଛି ପୁରୁଣା ବାଦ୍ୟ ଯନ୍ତ୍ର, ଆବଶ୍ୟକ ପତ୍ରପତ୍ରିକା ପୋଡ଼ି ପାଉଁଶ ହୋଇଯାଇଛି । ଖବର ପାଇଁ ସ୍ଥାନୀୟ ୱାର୍ଡ ନଂ ୫ର ବିଷ୍ଣୁପ୍ରସାଦ ସାହୁ ପପନିଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଦାସ, ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ରଥ ସେଠୀ, ବୁଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ପୂର୍ବତନ ସଭାପତି ସନାତନ ସାହୁ, ପୂଜକ ରଞ୍ଜନ ତ୍ରିପାଠୀ, ଶୁଭେନ୍ଦୁ ମିଶ୍ର, ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ତୃପ୍ତି ପାଠାଗାର ପରିସରରେ ତାଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି ।

## ବିଶ୍ୱ ମେଲେରିଆ ଦିବସ ପାଳିତ

ଢେଙ୍କାନାଳ,୨୫ ।୪(ସମିସ): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଛି । ଜିଲ୍ଲାରେ ପ୍ରତିବର୍ଷ ୧୦୦୦ ଜନସଂଖ୍ୟାରେ ୧ରୁ କମ ଲୋକ ମେଲେରିଆରେ ପୀଡ଼ିତ ହୁଅନ୍ତି । କଙ୍କଡ଼ାହାଡ଼ ବ୍ଲକ ମେଲେରିଆ ପ୍ରବଣ ଅଛି । ଏଥିପାଇଁ ଭିନ୍ନ ପ୍ଲାନ ତିଆରି କରାଯାଇଛି । ଜିଲ୍ଲାକୁ ମେଲେରିଆମୁକ୍ତ କରାଯିବା ପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଥିଲେ । ଡା. ଏନଡିସି ବେହେରା ମେଲେରିଆ ବିଷୟରେ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ ।



## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ପରଜଙ୍ଗ,୨୫ ।୪(ସମିସ): ପରଜଙ୍ଗ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । ବିଡିଓ ସୌଭାଗ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ବିଭିନ୍ନ ଯୋଜନାରେ ଆବେଦନ କରୁଥିବା ହିତାଧିକାରୀ ଯେକୌଣସି ଦଳର ହେଉ ନା କାହିଁକି ପକ୍ଷପାତିତା ନ କରିବାକୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦେଇଥିଲେ । ଏହି ଅବସରରେ ୨୨୧ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୧୬୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଅନ୍ତ୍ୟୋଦୟ ଗୃହ ଯୋଜନାରେ ସଠିକ୍ ସମୟରେ ଗୃହ କାର୍ଯ୍ୟ ସରିଥିବା ୫ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏବିଡିଓ ରଞ୍ଜିତ ଜେନା ମଞ୍ଚ ପରିଚାଳନା କରିଥିଲେ । ବ୍ଲକ କର୍ମଚାରୀ ତପନ ସେଠ, ସୁମନ୍ତ ବେହେରା, ସୁବ୍ରତ ରାଉତ, ସହକାରୀ ଯନ୍ତ୍ରୀ ରାନୀ ପଣ୍ଡା, ସୁଶାନ୍ତ କୁମାର ଦେହୁରୀଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟା ଯୋଗଦେଇଥିଲେ ।

ଗଁଦିଆ: ଗଁଦିଆ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । ବିଡିଓ ପବିତ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦେଇ ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ଲୋକଙ୍କ ଉତ୍ଥାନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷା କୋଦଣ୍ଡଧର ସାହୁ, ସାଂସଦଙ୍କ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ ଯୋଗଦେଇଥିଲେ । ଏହି ଅବସରରେ ୧୭ ଜଣଙ୍କୁ ରେସନ କାର୍ଡ, ୧୬୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଆନ୍ତର୍ଯ୍ୟାମୀ ବାରିକ ମଞ୍ଚ ପରିଚାଳନା କରିଥିଲେ । ବ୍ଲକ୍ କର୍ମଚାରୀ ମଧୁସୂଦନ ସାହୁ, ନିରାକାର ସାହୁ, ପ୍ରଶାନ୍ତ ମହାରଣା, ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କା ସମେତ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟା ଯୋଗଦେଇଥିଲେ ।



## ମା’ ତାରିଣୀଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ,୨୫ ।୪(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା’ ତାରିଣୀଙ୍କ ୨୨ତମ ଜନ୍ମବାର୍ଷିକୀ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଛି । ଭାଗୀରଥି ସାଗର କୂଳରେ ପୂଜାର୍ଚ୍ଚନା କରାଯାଇ ଘଣ୍ଟବାଦ୍ୟ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ । ଆସନ୍ତା ୨୬ ତାରିଖ ଗୀତାଯଜ୍ଞ ଅନୁଷ୍ଠିତ ହେବ । ୨୭ ତାରିଖ ଚଣ୍ଡୀଯଜ୍ଞ ଓ ପୂର୍ଣ୍ଣାହୁତି ତଥା ଭକ୍ତଙ୍କ ପାଇଁ ପ୍ରସାଦ ସେବନ ଅନୁଷ୍ଠିତ ହେବ । ମନ୍ଦିର ପୂଜକ ଆପୁଲି ରଣା, ଯଜ୍ଞ ପୂଜକ ଲିଙ୍ଗରାଜ ପତି, କର୍ତ୍ତା ଅଭିମନ୍ୟୁ ବେହେରା, ସସ୍ମିତା ବେହେରା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ସଭାପତି କେଶବ ବେହେରା, ସମ୍ପାଦକ ମନ୍ମଥ ରାଓ, ସହଯୋଗୀ ନିରାକାର ପଟ୍ଟନାୟକ, ନରେଶ ଚନ୍ଦ୍ର ବାରିକ, ସମ୍ବିତ ପଟ୍ଟନାୟକ, ରାଜେନ୍ଦ୍ର ବସ୍ତୀ, ମୁନା ବାରିକ, ରିଙ୍କୁ ମହାପାତ୍ର, କୃଷ୍ଣଚନ୍ଦ୍ର ବେହେରା, ଅଜିତ କୁମାର ହୋତା, ସୁଶାନ୍ତ ବେହେରା ଓ ପ୍ରକାଶ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି ।



## ଏସଟିଏଫର ଚଢ଼ଉ: ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

ହିନ୍ଦୋଳ,୨୫ ।୪(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏସଟିଏଫ ଟିମ ରାତିଅଧରେ ଚଢ଼ଉକରି ବିପୁଳପରିମାଣରେ ଗଞ୍ଜେଇ ଜବତ କରିଛି । ବିପୁଳ ପରିମାଣରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବରପାଇ ଏସଟିଏଫ ଟିମର ୭ଜଣିଆ ଟିମ ହିନ୍ଦୋଳଥାନା କଂସରା ପଞ୍ଚାୟତ ଆମ୍ବିଠି ଗ୍ରାମ ନିକଟ ବନଦୁର୍ଗା ମନ୍ଦିର ରାସ୍ତାରେ ଗତକାଲି ବିଳମ୍ବିତ ରାତିରେ ଚଢ଼ଉକରି ଏକ ଗାଡିରୁ ୧.୫୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିବାବେଳେ ଚେପଟିଗାଡିଆ ଅଞ୍ଚଳର ସନାତନ ନାୟକଙ୍କ ପୁଅ ଲିପୁ ନାୟକକୁ ଗିରଫ କରିଥିବାବେଳେ ୨ଜଣ ଫେରାର ହୋଇଯାଇଥିଲେ । ଏହି ଟିମରେ ଦୁଇଜଣ ଇନ୍ସପେକ୍ଟର, ସାମିଲ ଥିବାବେଳେ ମାଜିଷ୍ଟ୍ରେଟ ଭାବେ ହିନ୍ଦୋଳ ତହସିଲଦାର ସାମିଲ ହୋଇଥିଲେ ଏବଂ ଦୁଇଜଣ ସରକାରୀ କର୍ମଚାରୀ ସାକ୍ଷୀ ଭାବେ ରହିଥିଲେ । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଏହି ଗଞ୍ଜେଇ ରାକେଟର ଚେର ଖୋଜୁଛି ଏସଟିଏଫ ଟିମ । ହିନ୍ଦୋଳ ଅଞ୍ଚଳରେ ଏତେ ପରିମାଣରେ ଗଞ୍ଜେଇ ଜବତ ହେବା ପ୍ରଥମ ଘଟଣା ହୋଇଥିବା ବେଳେ ହିନ୍ଦୋଳ ଅବକାରୀ ବିଭାଗର ପରିବାରପଣିଆ ଉପରେ ଉଠିଛି ପ୍ରଶ୍ନ ।



# ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସାଧାରଣ ସଭା

ଢେଙ୍କାନାଳ,୨୫ ।୪(ସମିସ):



ସଦର ବ୍ଲକ ଅର୍ନ୍ତଗତ ସପ୍ତଶଯ୍ୟା ଜେନାଦେବୀ ମନ୍ଦିର ପରିସରରେ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ପରିଷଦର ସଭ୍ୟ ପୂର୍ବତନ ନଡ଼ିଆଳୀ ସରପଞ୍ଚ ବିଜୟ କୁମାର ସାହୁଙ୍କ ଅକାଳ ବିୟୋଗରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ସଭ୍ୟବୃନ୍ଦ ଜିଲ୍ଲାର ପର୍ଯ୍ୟଟନ ସ୍ୱର୍ଣ୍ଣ ତ୍ରିଭୁଜ କୁହାଯାଉଥିବା ଯୋରନ୍ଦା, କପିଳାସ ଓ ସପ୍ତଶଯ୍ୟା କ୍ଷେତ୍ର ମଧ୍ୟରୁ ସପ୍ତଶଯ୍ୟା ସମ୍ପୂର୍ଣ୍ଣ ଅବହେଳିତ ବୋଲି ମତପ୍ରକାଶ କରିଥିଲେ । ଢେଙ୍କାନାଳ ସହର ସମେତ ଉପକୂଳ ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ବି ସପ୍ତଶଯ୍ୟାକୁ ପର୍ଯ୍ୟଟକ ଆସୁଛନ୍ତି । କିନ୍ତୁ ପର୍ଯ୍ୟଟନ ବିଭାଗର ମନ୍ଦିର ନିକଟରେ ଥିବା ବିଶ୍ରାମଗାର ଗତ ତିନିବର୍ଷ ହେବ ଅଚଳ ହୋଇ ପଡ଼ିରହିଛି । ନା ଅଛି ଜଳଯୋଗାଣ ବ୍ୟବସ୍ଥା ନା ଆଲୋକ ବ୍ୟବସ୍ଥା । ୨୦୨୧ରେ ସପ୍ତଶଯ୍ୟା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନିର୍ମିତ ମା’ ଜେନାଦେବୀଙ୍କ ମନ୍ଦିରର ମଧ୍ୟ ସମାନ ଅବସ୍ଥା । ଏହାକୁ ନେଇ ପରିଷଦର ସଭ୍ୟବୃନ୍ଦ କ୍ଷୋଭ ପ୍ରକାଶ କରିଥିଲେ । ପର୍ଯ୍ୟଟନ ସ୍ୱର୍ଣ୍ଣ ତ୍ରିଭୁଜ କ୍ଷେତ୍ରରେ ଏ କି ପ୍ରକାର ବିକାଶ ବୋଲି ସଭ୍ୟବୃନ୍ଦ ପ୍ରଶ୍ନ କରିଥିଲେ । ପରିଷଦର ସଭ୍ୟ ଭାବେ ସପ୍ତଶଯ୍ୟାର ବିଦାୟୀ ସରପଞ୍ଚ ଜେସୁସ୍ ସାହୁ, ବର୍ତ୍ତମାନର ସରପଞ୍ଚ ଅଭିମନ୍ୟୁ ବେହେରା, ଜେନାଦେବୀ ମନ୍ଦିର ପରିଚାଳନା କମିଟି ସଭାପତି ପଦ୍ମନାଭ ବାରିକ, ପୂର୍ବତନ ବଳଦିଆବନ୍ଧ ସରପଞ୍ଚ ଜୟକୃଷ୍ଣ ଜେନା, ଇଂ କିଶୋର ମିଶ୍ର, ଇଂ ଫକୀର ମୋହନ ସାହୁ, ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, ସୁରେଶ ଚନ୍ଦ୍ର ବାରିକ୍, ମହୀନ୍ଦ୍ର କୁମାର ସାହୁ, ଉପସଭାପତି ଅଖିଳ ମହାପାତ୍ର ଓ ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଷଦ ପକ୍ଷରୁ ଅତୀତରେ କପିଳାସ ଦେଓଗାଁ, ମହିମାଗାଦି ଯୋରନ୍ଦା, ବ୍ଲକ୍ ମୁଖ୍ୟାଳୟ ଗଁଦିଆ ଓ ବାଜି ରାଉତଙ୍କ ଐତିହ୍ୟ ଗ୍ରାମ ନୀଳକଣ୍ଠପୁର ଦେଇ ବୁଢ଼ାପଙ୍କ-ସୁକିନ୍ଦା ରେଳପଥକୁ ଭୁବନ ଠାରେ ସଂଯୋଗ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକପତ୍ର ଦିଆଯାଇଥିଲା । ସେହିପରି ତାଳଚେରରୁ ବ୍ରାହ୍ମଣୀ ନଦୀ ପଥରେ ଧାମରା ବନ୍ଦର ପର୍ଯ୍ୟନ୍ତ ନୌବାଣିଜ୍ୟ ପଥ ଖୋଲିବା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଜେଟି ପ୍ରସ୍ତୁତ କରାଯାଇ ନଦୀପଥରେ ଗମନାଗମନର ସୁଲଭ ବ୍ୟବସ୍ଥା କରାଯିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ସ୍ମାରକପତ୍ର ଦିଆଯାଇଥିବା ବିଷୟ ବୈଠକରେ ସଭାପତି ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଥିଲେ ।

